# କାହାଣୀ

## ତରୁଣକାନ୍ତି ମିଶ୍ର

ଜେଜେମା’ ଗୋଟି ଗୋଟି ପାଦ ପକେଇ  ମୋ ପାଖକୁ ଆସିଲେ । ଟେବୁଲ ଉପରକୁ ଝୁଙ୍କି ପଡି ପଚାରିଲେ, କ’ଣ ଲେଖୁଚୁ !

ମୁଁ କିଛି କହିଲି ନାହିଁ ।

- ଗପ ? ଗପ ଲେଖୁଚୁ, ନା !

ମୋ କଲମ କାମ କରୁନଥିଲା, ହୁଏତ କାଳି ଶୁଖି ଯାଇଥିଲା, କିମ୍ବା କଲମ ମୂନରେ  ମଇଳା ଜମି ଯାଇଥିଲା ।

ଜେଜେମାଙ୍କ ବସିବାରେ ଆଜିକାଲି ଭାରି କଷ୍ଟ ହୁଏ, ଆଣ୍ଠୁଗଣ୍ଠି ରୋଗ ସହିତ ମେରୁଦଣ୍ଡର ସମସ୍ୟା । ସେ ଟେବୁଲ ଉପରେ ଭରା ଦେଇ ଚଉକି ଉପରେ ବସିଲେ ।

କହିଲେ - ଆଗରୁ ତୁ ଭଲ ଗପ ଲେଖୁଥିଲୁ ।

ଚଉକି ଉପରେ ଭଲକି ବସି ସେ କହିଲେ, ଏଥର ତୁ ଗୋଟେ ବଢିଆ ଗପ ଲେଖ ।

ବଢିଆ ଗପ କ'ଣ, ମୁଁ ଭାବିଲି ମନେ ମନେ । ସେହି ଉତ୍ତର ଖୋଜିବା ଭିତରେ ମୋ ନୀରବତା ବିସ୍ତାରିତ ହେଉଥିଲା ।

ଜେଜେମା ଆଜିକାଲି ଉତ୍ତରକୁ ଅପେକ୍ଷା କରନ୍ତି ନାହିଁ, ଅଧିକାଂଶ ସମୟ ନିଜେ ନିଜେ ହିଁ ପ୍ରଶ୍ନ ପଚାରନ୍ତି, ଉତ୍ତର ଦିଅନ୍ତି । ଆଜି ଖାଇବା ସବୁ ଭଲ ଲାଗିଲା, ତେବେ ଶିମ୍ବରାଇଟା ଖାସ ହେଲାନି କହି ସେ ସୁଜାତାଙ୍କୁ ବୁଝାଇବାକୁ ଆରମ୍ଭ କରନ୍ତି ସବୁଠୁ ସ୍ୱାଦିଷ୍ଟ ଶିମ୍ବରାଇ ପ୍ରସ୍ତୁତ କରିବାର ନିର୍ଭୁଲ ପଦ୍ଧତି । ସେତେବେଳେ ସୁଜାତା ଜେଜେମା'ଙ୍କ ହାତବ୍ୟାଗ  ଭିତରୁ ବାହାର କରୁଥାନ୍ତି  ଆମଲୋଡିପିନ  ବଟିକା, ଜେଜେମାଙ୍କ ପାଇଁ ।

ମୋ ଜେଜେମା ନାହାନ୍ତି, ମରିଯାଇଛନ୍ତି, ବାପାଙ୍କ ପିଲା ଦିନରୁ । ସାନ ଜେଜେମା', ବାପାଙ୍କ ବିଧବା ସାନ ଖୁଡି, ଆମ ଆଖିରେ ନିଜ ଜେଜେମା' ପରି ।

ସେ ମୋ ଘରକୁ ଆସନ୍ତି ବର୍ଷରେ ଥରଟିଏ, ଦୁଇ ତିନି ସପ୍ତାହ ରହି ଜିତୁ କକାଙ୍କ ଘରକୁ ଫେରି ଯାଆନ୍ତି ।

- ଆଗରୁ ତୁ ଭଲ ଗପ ଲେଖୁଥିଲୁ, ମନେ ଅଛି ସ୍କୁଲରେ ପଢିଲା ବେଳେ ତୁ ଗୋଟେ ଗପ ଲେଖିଥିଲୁ ସାବତ ମା'କୁ ନେଇ ! ସାବତ ମାଆ, ସାବତ ପୁଅକୁ ଭାରି ଆଦର କରେ, କିନ୍ତୁ ଲୋକେ ତା'କୁ  ସବୁବେଳେ ଭୁଲ ବୁଝୁଥାଆନ୍ତି ।

ମନରେ  ରହିଛି । ସ୍କୁଲ କଲେଜରେ ପଢିବା ବେଳଠୁ ମୁଁ ଲେଖି ଆସିଛି, ସେ ଅଭ୍ୟାସ ଚାକିରି କଲା ପରେ ବି ଯାଇନାହିଁ ।

- ଆଜିକାଲିକାର ଗପ ଗୁଡାକ ଆଉ ଆଗପରି ଲାଗୁନି, ତୋ’ ଲେଖା କହ, ଆଉ ଯାହା ଲେଖା କଥା କହ ।

କଲମ ଚାଲୁ ନଥିଲା, ମନର ଭାବନା ବି ଥିଲା ବିକ୍ଷିପ୍ତ, ମୁଁ ଅଳ୍ପ ହସି ଜେଜେମାଙ୍କୁ ପଚାରିଲି, ଭଲ ଗପ ମାନେ ତୁମେ କ’ଣ ବୁଝ ?

- ଯୋଉଟା ପଢିବାକୁ ଭଲ ଲାଗିବ ।

ଜେଜେମା ଉତ୍ତର ଦେଲେ ଚଟପଟ, ଯେମିତି କହିଥାନ୍ତେ, ଯୋଉ ରସଗୋଲା ପାଟିକୁ ଭଲ ଲାଗିବ, ସେଇଟା ଭଲ ରସଗୋଲା ।

- ସେଟା କ’ଣ ସବୁବେଳେ ଠିକ ? ମନେକର ଶଙ୍କରାଚାର୍ଯ୍ୟଙ୍କ ନିର୍ବାଣାଷ୍ଟକମ, ସେଇଟା କ’ଣ ପଢିବାକୁ ସହଜ ଲାଗିବ !

- ଇସ, ତା’ଠୁ ଭଲ କିଛି ଅଛି.... କହି ଜେଜେମା’ ବୋଲିବାକୁ ଆରମ୍ଭ କଲେ, ମନୋବୁଧାହଙ୍କାର ଚିତ୍ତାନିନାହମ....

ମୁଁ ଅଲଗା କଥା କହିବାକୁ ଚାହୁଁଥିଲି, ଉଦାହରଣଟା ଠିକ ହେଲାନି ।

ଜେଜେମା କହିଲେ, ତୁ ଆଜିକାଲି କେତେ ବାଜେ ଗପ ସବୁ ଲେଖୁଚୁ, ଥରଟେ ଲେଖିଥିଲୁ ଗୋଟିଏ ସ୍ତ୍ରୀଲୋକ ଟ୍ରେନରେ ବସି ଶୁଣୁଛି ତା’ ସ୍ୱାମୀ ଭଳି ଦିଶୁଥିବା ଲୋକଟିଏ ଟ୍ରେନ ଚକତଳେ ପଡିଯାଇଛି, ଏ କଥା ଶୁଣି ସେ କାନ୍ଦିଲା ନାହିଁ, କିନ୍ତୁ ତା’ପରେ ତା’ ସ୍ୱାମୀ ବଞ୍ଚିଛି ଜାଣି ଭୋ ଭୋ କାନ୍ଦିବାକୁ ଆରମ୍ଭ କଲା, କ’ଣ ଏ ଗପର ମାନେ !

ଗପଟି ଜେଜେମା’ ଢେର ଦିନ ତଳେ ପଢିଥିଲେ, ଭଲ କି ମନେ ନାହିଁ ତାଙ୍କର, ମୁଁ ତାଙ୍କୁ ସେକଥା କହିଲି ନାହିଁ, କହିଲି – ଆଜିକାଲି ସେମିତି ଲେଖା ଲୋକେ ପଢିବାକୁ ଭଲ ପାଉଛନ୍ତି ।

- ଭୁଲ, ପୂରାପୂରି ଭୁଲ । ତତେ ରଜାପୁଅ ରଜାଝିଅ ଗପ ଭଲ ଲାଗେ ନା ନାହିଁ ?

- ଭଲ ତ ଲାଗେ ...

- ତେବେ ସେମିତି ଗପ ଲେଖୁନୁ କାହିଁକି !

- ରଜାପୁଅ ରଜାଝିଅ ଗପ ...

ଜେଜେମା’  ହୁକୁମ ଦେଲା ପରି କହିଲେ, ଆଜି ଲେଖ, ଏଇନା ଲେଖ...

କଲମ ଚାଲୁ ନଥିଲା, ଆଜି କିଛି ଲେଖି ହେବ ନାହିଁ । ମୁଁ ତେଣୁ ଖାତା କଲମ ଆଡେଇ ଦେଇ ଟିକେ ଆରାମ କରି ବସିଲି, କହିଲି, ହଉ ତେବେ ଗପଟା ଶୁଣ –

.... ରଜାପୁଅ ଆଉ ମନ୍ତ୍ରୀପୁଅ, ଦିହେଁ ବଣକୁ ବାହାରି ଥିଲେ ଶିକାର କରିବାକୁ, ହାତରେ ସେମାନଙ୍କର .....

- ଶିକାର ନୁହେଁ, ପାରିଧି, ରାଜପୁଅ ମନ୍ତ୍ରୀପୁଅ ଶିକାର କରନ୍ତି ନାଇଁ, ସେମାନେ ପାରିଧିରେ ବାହାରନ୍ତି, ଅଗନାଅଗନି ବନସ୍ତକୁ...

- ହେଉ, ଠିକ ଅଛି .... ରାଜପୁତ୍ର ଇନ୍ଦ୍ରଜିତ ଓ ମନ୍ତ୍ରୀପୁତ୍ର ପୁଷ୍ପଧନୁ ଦିନେ ବାହାରିଲେ ପାରିଧିରେ, ବଜ୍ରବାହନ ଓ ମେଘନାଦ ଦୁଇଟି ଘୋଡାରେ ବସି,

ଅଗନାଅଗନି ବନସ୍ତ ଭିତରକୁ । ବାଟରେ ହଠାତ ରାଜପୁତ୍ରଙ୍କୁ ଭାରି ଶୋଷ ଲାଗିଲା....

- ରଜାପୁଅକୁ କେବେ କ'ଣ ଶୋଷ ଲାଗେ, କି ବାଜେ କଥାଟେ କହୁଛୁ ! କହ, ମନ୍ତ୍ରୀପୁଅକୁ ଭାରି ଶୋଷ କଲା, ସେ ଭାରି ଆତୁର ହୋଇ ....

- ଠିକ ଅଛି, ମନ୍ତ୍ରୀପୁତ୍ର ପୁଷ୍ପଧନୁକୁ ପ୍ରଚଣ୍ଡ ଶୋଷ ଲାଗିଲା ଅଗନା ଅଗନି ଭିତରେ, ସେ କହିଲା , ମହାରାଜ....

- ଚୁପ, କହିଲା କ'ଣ ନା ମହାରାଜ ! ସେ କ'ଣ ଆଜିକାର ମନ୍ତ୍ରୀ କି ଆୟେସ ଅଫିସର ହେଇଛନ୍ତି ! ଆରେ ସେମାନେ ପରା ଦୁଇ ବନ୍ଧୁ, ପରମମିତ୍ର ଦୁଇଜଣ ! ଅଗନାଅଗନି ଅରଣ୍ୟ ଭିତରେ ଆପଦବିପଦ ଆସିଲେ ଜଣେ ଜଣକ ପାଇଁ ଜୀବନ ଦେଇଦେବ ....

ସୁଜାତା ଆସିଲେ ଭିତରକୁ, କହିଲେ, ଜେଜେମା ନିମଫୁଲ ଆସିଗଲା, ସଜନା ଛୁଇଁ ବି ଆସି ସାରିଛି ।

ଜେଜେମା ତାଙ୍କ ସାହିତ୍ୟ ଚର୍ଚ୍ଚା ଅଧା ରଖି ରୋଷେଇଘରକୁ ବାହାରିଲେ, ଗୋଟି ଗୋଟି ପାଦ ପକେଇ ।

କଅଁଳ ନିମଫୁଲ, ସଜନାଛୁଇଁ ଓ କଷିବାଇଗଣ ପଡି ତିଆରି ହୋଇଥିବା ନିମପିତା ବେଶ ରୁଚିକର ହୋଇଥିଲା, ପଣସକଠା ଓ କାନ୍ଦୁଲ ଡାଲି ସାଙ୍ଗରେ; ଜେଜେମା ଭଲ ରାନ୍ଧି ଜାଣନ୍ତି ।

ମୁଁ ଖାଇସାରି ପୁଣି ଆସି ଷ୍ଟଡିରେ ବସିଥିଲି ।

ଅସହଯୋଗ କରୁଥିବା କଲମ ମୋର ଏକମାତ୍ର ସମସ୍ୟା ନଥିଲା, ସମସ୍ୟା ବି ଥିଲା ମୋ କଳ୍ପିତ କାହାଣୀରେ ଥିବା ଗୋଟିଏ ମା'ର, ଯିଏ ଭାବି ପାରୁ ନଥିଲା, ଝିଅକୁ କେମିତି ପଚାରିବ, ସେ ଯାହାକୁ ଭଲପାଇ ବିବାହ କରିବାକୁ ଯାଉଛି ସେ ଗୋଟିଏ ପୁଅ ନା ଝିଅ ।

ଗପର ଜଟିଳ ସୂତ୍ର ବାହାର ସଂସାରରେ ନଥାଏ, ନଥାଏ ବି ମନ ଭିତରେ ସଞ୍ଚିତ ହୋଇ, କୋଉଠୁ ଆସେ ଆଉ କେଉଁଠାକୁ ଯାଏ, ତାହା ଅଜଣା ରହସ୍ୟ, ଅନ୍ତତଃ ମୋ ପାଇଁ ।

ଟେବୁଲ ଉପରେ, ଅଲେଖା ଗପଖାତା ଉପରେ, ଚପି ରହିଥିଲା ଗୋଟିଏ ପେପରୱେଟ, ରଙ୍ଗୀନ କାଚ ଭିତରର ତରଳ ରସାୟନରେ ଉବୁଟୁବୁ ହେଉଥିଲା ଜଳପରୀଟିଏ । ମୁଁ ତା'କୁ ଚାହିଁ ରହିଲି କିଛି କ୍ଷଣ ।

- ଶୋଷ ଲାଗିଲାରୁ ରାଜାପୁଅ ମନ୍ତ୍ରୀପୁଅ କୁଆଡେ ଗଲେ ? କିଛି ଭାବିଲୁଣି !

ମୁଁ ଚାହିଁଲି ଜେଜେମାଙ୍କୁ । ତାଙ୍କ ପାଟିରେ ମିଠା ପାନର ବାସ୍ନା । ସେ ଆସି ବସିଲେ ପାଖରେ ।

ମୁଁ ଥରେ ଚାହିଁଲି କାଚଘର ଭିତରର ଜଳପରୀକୁ, ଆଉ ଥରେ ଜେଜେମା'ଙ୍କୁ ।

- ତୁ କଳ୍ପନା କର : ଅଗନାଅଗନି ବନସ୍ତ ଭିତରେ ଗୋଟେ ପୋଖରୀ ଥିବ, କାଚକେନ୍ଦୁ ପାଣିଭର୍ତ୍ତି  ବିଶାଳ ପୋଖରୀ, ସାତତାଳ ପାଣି ତଳେ ଥିବ ଗୋଟିଏ କାଚ ଫରୁଆ ...

ସୁଜାତା ଯତ୍ନକରି ଭାଙ୍ଗିଦେଇଥିବା ପାନର ମିଠାସ୍ୱାଦରେ ହେଉ ଅବା କାହାଣୀର ସମ୍ଭାବନାମୟ ରୋମାଞ୍ଚରେ ହେଉ, ଜେଜେମା'ଙ୍କ ଆଖି ବୁଜି ହୋଇ ଆସିଥିଲା ଅଳ୍ପ ଅଳ୍ପ ।  ସ୍ୱରରେ ତାଙ୍କର ଥିଲା ଦୂର ନିର୍ଜନର ସ୍ୱର ।

ମୋ ଆଖି ଫେରିଗଲା କାଚପରିଧିରେ ଭାସୁଥିବା ଜଳପରୀ ଆଡକୁ । ସେ ଯେମିତି ଅଧିକରୁ ଅଧିକ ଚଞ୍ଚଳ ହୋଇ ଉଠୁଥିଲା ତରଳ ଦ୍ରବଣ ଭିତରେ । କାଚକେନ୍ଦୁ ପାଣିର ଶୀତଳତା ଭିତରେ ।

ଜେଜେମା' ଆଖି ଖୋଲିଲେ, କହିଲେ : ନା, ତୁ ପାରିବୁ ନାହିଁ, ଏ ଗପ ଲେଖିବା ଭାରି କଷ୍ଟ । ତୁ ବରଂ ଆଉ ଗୋଟେ ଗପ ଲେଖ, ସହଜିଆ ଗପ ଖଣ୍ଡେ ।

ମିଠାପାନର ଆଚ୍ଛନ୍ନତା ଭିତରେ, ଅପରାହ୍ନର ବିଜନତା ଭିତରେ, ସେ କହିଲେ ଗୋଟିଏ ଗପର ଭଗ୍ନାଂଶ ।

କାହାଣୀ ବୋଲି ସେଥିରେ କିଛି ନଥିଲା  । ଗପଟି ଥିଲା ଏହିଭଳି -

ଛୋଟ, ଅତି ଛୋଟ, ଗୋଟିଏ ସହରର ଗଳିରେ ରହୁଥିଲା ସାଧାରଣ ଝିଅଟିଏ, ନିହାତି ସାଧାରଣ । ପାଠ ପଢୁଥିଲା ଗୋଟିଏ ବାଳିକା ସ୍କୁଲରେ, ସେତେ ଭଲ ବି କିଛି କରୁ ନଥିଲା  । ତେବେ ହଁ, ଗୀତ ଗାଏ ମୋଟାମୋଟି ଭଲ, ଭଲ ରାନ୍ଧେ ମଧ । ଆଉ ଗପ ବହି ପଢେ ପ୍ରଚୁର ।

ସେଇ ଗଳିର ଧୂଳିଧୂସର ରାସ୍ତାରେ ପିଲାଟିଏ ଯାଏ ପ୍ରତିଦିନ, କେବେ ସାଇକେଲରେ, କେବେ ପାଦରେ ଚାଲି ଚାଲି । ସେଇ ପିଲାଟିକୁ ଝିଅଟି ଦେଖେ ସବୁଦିନ, ଝରକା ଫାଙ୍କରେ, ତା'କୁ ଭାରି ଭଲ ଲାଗେ ଲୁଚି ଲୁଚି ଦେଖିବାକୁ । ସବୁଦିନ ସେ ଅପେକ୍ଷା କରିରହିଥାଏ, ଗୋଟିଏ ମୂହୁର୍ତ୍ତ, ଗୋଟିଏ ଝଲକର ପ୍ରତ୍ୟାଶା ନେଇ ।

ଦିନେ ନଈକୂଳର ନିଛାଟିଆ ସଞ୍ଜରେ ତା'ର ଭେଟ ହୋଇଗଲା ପିଲାଟି ସହିତ, ଅଚାନକ । ପିଲାଟି ପାଖକୁ ଆସିଲା, ପଚାରିଲା ସିଧାସଳଖ, କୌଣସି ଭୂମିକା ନକରି – ତୁମେ ମତେ ସବୁଦିନ ଏମିତି ଲୁଚି ଲୁଚିକା ଦେଖ କାହିଁକି !

ପିଲାଟିକୁ ଦେଖି ଝିଅଟିର ଛାତି ଏମିତିରେ ଧଡପଡ ହେଉଥିଲା, ପ୍ରଶ୍ନଟି ଶୁଣିବା ପରେ ସତେ କି ତା'ର ନିଃଶ୍ୱାସ ବି ବନ୍ଦ ହୋଇଗଲା । ପାଣି ଭିତରେ ବୁଡିଯିବା ଆଗରୁ, ବଞ୍ଚିବାର ଶେଷ ନିଷ୍ଫଳ ଚେଷ୍ଟା କଲା ପରି ସେ କହିଲା, ତୁମେ କେମିତି ଜାଣିଲ ଯେ ମୁଁ ତୁମକୁ ସବୁଦିନ ଦେଖୁଚି !

ପ୍ରଶ୍ନଟି ଯୁକ୍ତିଯୁକ୍ତ, ଝରକା ସେପାଖ ଛାୟାଚ୍ଛନ୍ନତା ଭିତରୁ ଝିଅଟିକୁ କେମିତି ଦେଖିପାରୁ ଥିଲା ପିଲାଟି, କେଉଁ ମନ୍ତ୍ରସିଦ୍ଧ ଆଖିରେ !

ପିଲାଟିର କୌଣସି ଉତ୍ତରକୁ ଅପେକ୍ଷା ନକରି ଝିଅଟି ପ୍ରାଣମୂର୍ଚ୍ଛା ସଂତ୍ରାସରେ ଫେରି ଆସିଥିଲା ଘରକୁ । ସାରା ବାଟ, ସାରା ରାତି ତା' ମୁଣ୍ଡ ଝିମଝିମ କରୁଥିଲା ।

ତା'ର କେତେ ଦିନ ପରେ ପିଲାଟି ହଠାତ ଆବିର୍ଭୂତ ହୋଇଥିଲା ଝିଅଟିର ଏକା ଏକା ସ୍କୁଲ ଫେରନ୍ତା ବାଟରେ । ସାଇକେଲରୁ ଓହ୍ଲାଇ ପଡି, ବିନା କିଛି ଭୂମିକାରେ କହିଥିଲା, ମୁଁ ତୁମକୁ ବାହାହେବି, ମତେ ଅପେକ୍ଷା କରିଥିବ ।

ସେ ଝିଅଟିର ହାତ ଧରିଲା ନାହିଁ, ଦେହକୁ ସ୍ପର୍ଶ କଲା ନାହିଁ, ଆଖିରେ ଆଖି ରଖିଥିଲା କି ନାହିଁ ଜଣା ନାହିଁ, ସେ ଚାଲି ଗଲା ତା' ରାସ୍ତାରେ ଏକା ଏକା, ସଞ୍ଜର ଶୀତଳ ଅନ୍ଧାରରେ ।

ସେ ତା'ର ପ୍ରତିଶ୍ରୁତି ଅବଶ୍ୟ ରକ୍ଷା କରିଥିଲା, ଅନେକ ବର୍ଷ ପରେ ।

ଗପଟି ଶୁଣି ମୁଁ କହିଥିଲି, ଠିକ ଅଛି, ଲେଖିବାକୁ ଚେଷ୍ଟା କରିବି । ତେବେ ପିଲାଟିର ନାଁ କିଛି ଗୋଟେ ଦିଅ ।

କିଛି ଭାବିବା ଆଗରୁ ଜେଜେମା'ଙ୍କ ଓଠରୁ ନାମଟିଏ ବାହାରି ଆସିଥିଲା, ଅବିନାଶ ।

ମୁଁ ଆଶ୍ଚର୍ଯ୍ୟ ହୋଇ ନଥିଲି, ଜେଜେବାପାଙ୍କ ନାମଟି ଶୁଣି ।

137, ଲୁଇସ ରୋଡ

ଭୁବନେଶ୍ୱର- 751014